ପର୍ଶୁରାମନ@ଭେଲାଦୁରାଇ ଏବଂ ଅନ୍ୟମାନେ

ବନାମ

ତାମିଲ୍ ନାଡୁ ରାଜ୍ୟ

ସେପ୍ଟେମ୍ବର 11,1991

[କୁଲଦିପ ସିଂହ ଏବଂ ଏମ୍. ଏମ୍. ପୁଞ୍ଚି, ନ୍ୟାୟମୂର୍ତ୍ତିଦ୍ଵୟ]

*ଦଣ୍ଡ ସଂହିତା, 1860— ଧାରା 304 ଭାଗ I, 34— ଏହାପରେ ଦୋଷସିଦ୍ଧି— ହୋଇଥିବା ଆଘାତର ପ୍ରକୃତି— ଅଭିଯୁକ୍ତର ଉଦ୍ଦେଶ୍ୟ— କରିଥିବା ଅପରାଧ, ଧାରା 325, 34 ଅଧୀନରେ ଆସିବ— ଦଣ୍ଡାଦେଶରେ ସଂଶୋଧନ— ଅଭିଯୁକ୍ତଙ୍କ ଠାରୁ ଆଦାୟ କରାଯାଇଥିବା ଜରିମାନା ମୃତ ବ୍ୟକ୍ତିଙ୍କ ପିତା/ମାତା/ଭଉଣୀଙ୍କୁ ପ୍ରଦାନ କରାଯିବ।*

**ଆବେଦନକାରୀ A1 ରୁ A7 ଙ୍କ ବିରୋଧରେ ତିନୋଟି ଅପରାଧିକ ଆରୋପ ଲାଗୁ କରାଯାଇଥିଲା ।ହତ୍ୟା କରିବା ପାଇଁ A1 ରୁ A6 ଙ୍କୁ ଉସୁକାଇଥିବା ଅଭିଯୋଗରେ A7 ଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 109 ସହିତ ପାଠ କରାଯାଉଥିବା ଧାରା 302 ଅନୁଯାୟୀ ମାମଲା ରୁଜୁ ହୋଇଛି । A1, A2, A4, A5 ଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 147 ଏବଂ A3, A6 ଙ୍କ ବିରୁଦ୍ଧରେ ଧାରା 148 ଅନୁଯାୟୀ ଯଥାକ୍ରମେ ବିଚାର କରାଯାଇଥିଲା ଏବଂ ତୃତୀୟ ଅଭିଯୋଗଟି A1 ରୁ A6 ଙ୍କ ବିରୁଦ୍ଧରେ ଧାରା 302 ସହ ପଢାଯାଉଥିବା ଧାରା 149 ଅନୁଯାୟୀ କରାଯାଇଥିଲା ଯେ 28 ଜାନୁଆରୀ 1977 ମସିହା, ସକାଳ ପ୍ରାୟ 8.30 ସମୟରେ A1, A2, A4 ଏବଂ A5 ଠେଙ୍ଗା ଧରି, A3 କଟୁରୀ ଧରି ଏବଂ A6 ବର୍ଛା ଧରି ମୃତକଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଅନେକ ଆଘାତ ଦେଇଥିଲେ, ଯାହା ଫଳରେ ସେହି ଦିନ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।**

**ବିଚାର କରୁଥିବା ବିଦ୍ୱାନ ବିଚାରପତି ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯାହା ବିରୋଧରେ ଆବେଦନ କରାଯିବା ପରେ ଉଚ୍ଚ ନ୍ୟାୟାଳୟ A4 ରୁ A7 ଙ୍କ ଖଲାସକୁ କାଏମ ରଖିଲେ କିନ୍ତୁ A1 ରୁ A3 ଙ୍କ କ୍ଷେତ୍ରରେ ପୂର୍ବ ସିଦ୍ଧାନ୍ତକୁ ବଦଳାଇ ସେମାନଙ୍କୁ ଆଇ.ପି.ସି. ର ଧାରା 34 ସହ ପାଠ କରାଯାଉଥିବା ଧାରା 304 ଭାଗ-1 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି ଏବଂ 5 ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି, ଯାହା ବିରୋଧରେ, ଆବେଦନକାରୀ A1 ରୁ A3 ସ୍ୱତନ୍ତ୍ର ଅନୁମତି ଆବେଦନ ମାଧ୍ୟମରେ ଏହି ଆବେଦନ ଦାୟର କରିଛନ୍ତି ।**

**ଦଣ୍ଡାଦେଶର ସଂଶୋଧନ ସହ, ଆବେଦନଟିର ଫଏସଲା କରି, ଏହି ନ୍ୟାୟାଳୟ,**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ମୃତକଙ୍କ ଶରୀରରେ ତେରଟି ବାହ୍ୟ କ୍ଷତ ଦେଖିବାକୁ ମିଳିଥିଲା । ଏଗୁଡିକ ମଧ୍ୟରୁ 11ଟି କ୍ଷତ ଚିହ୍ନ, ତଳ ଗୋଡ଼ ଏବଂ ବାହୁରେ ଥିଲା । ଆବେଦନକାରୀଙ୍କ ଉଦ୍ଦେଶ୍ୟ ଗୁରୁତର ଆଘାତ ପହଞ୍ଚାଇବା ଥିଲା ଏବଂ ସେହି ଅନୁଯାୟୀ ସେମାନଙ୍କ ଦ୍ୱାରା କରାଯାଇଥିବା ଅପରାଧ ଭାରତୀୟ ଦଣ୍ଡ ସଂହିତାର ଧାରା 325 ଅନ୍ତର୍ଭୁକ୍ତ । ମୃତକଙ୍କ ଶରୀରରେ ଥିବା ଆଘାତର ପ୍ରକାର ଏବଂ ଏହି ମାମଲାର ତଥ୍ୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ଆଇ.ପି.ସି. ର ଧାରା 34 ସହିତ ପାଠ କରାଯାଉଥିବା ଧାରା 325 ର ପରିସରଭୁକ୍ତ ଅଟେ, ଏବଂ ସେମାନଙ୍କୁ ଆଇ.ପି.ସି. ର ଧାରା 34 ସହିତ ପାଠ କରାଯାଉଥିବା ଧାରା 325 ଅଧୀନରେ ଦୋଷୀ ସାବ୍ୟସ୍ତ କରାଯାଇଛି, ସେମାନେ ପୂର୍ବରୁ ଭୋଗି ସାରିଥିବା କାରାଦଣ୍ଡକୁ ହିଁ ସେମାନଙ୍କର ଦଣ୍ଡ ଭାବେ ଗ୍ରହଣ କରାଯାଇଛି, ଏବଂ ଏହା ସହିତ ପ୍ରତ୍ୟେକଙ୍କୁ 7,000/- ଟଙ୍କା ଲେଖାଏଁ ଜରିମାନା କରାଯାଇଛି ଏହି ଜରିମାନା ରାଶି ଚାରି ମାସ ମଧ୍ୟରେ ବିଚାର କରୁଥିବା**

**ଅଦାଲତରେ ଜମା କରିବାକୁ ହେବ, ଯାହା ମୃତକଙ୍କ ପିତା/ମାତାଙ୍କୁ ପ୍ରଦାନ କରାଯିବ । ଜରିମାନା ପଇଠ ନକଲେ ଆବେଦନକାରୀଙ୍କୁ ପାଞ୍ଚ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 393/1979

26.4.1979 ତାରିଖରେ ତାମିଲନାଡୁ ଉଚ୍ଚ ନ୍ୟାୟାଳୟଙ୍କ ଫୌଜଦାରୀ ଆବେଦନ ସଂଖ୍ୟା 197/1978 ଏବଂ ଫୌଜଦାରୀ ପୁନରୀକ୍ଷଣ ମାମଲା ସଂଖ୍ୟା 833/1977 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ୟୁ. ଆର. ଲଳିତ ଏବଂ କେ. ଆର. ଚୌଧୁରୀ ଆବେଦନକାରୀଙ୍କ ପାଇଁ ।

କେ. ଭି. ଭେଙ୍କଟରମଣ ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି କୁଲଦିପ ସିଂଙ୍କ** ଦ୍ୱାରା । ପର୍ଶୁରାମନ@ଭେଲାଦୁରାଇ, କରୁପ୍ପାୟା, ନାଗାସୁନ୍ଦରମ ଏବଂ ଅନ୍ୟ ଚାରିଜଣଙ୍କୁ (ଏହାପରେ A1 ରୁ A7 ଭାବରେ ସୂଚିତ କରାଯାଇଛି) ଜବାହର ନାମରେ ଜଣେ ବ୍ୟକ୍ତିଙ୍କ ହତ୍ୟା ପାଇଁ ବିଚାର କରାଯାଇଥିଲା । ସେମାନଙ୍କ ବିରୋଧରେ ତିନୋଟି ଅଭିଯୋଗ କରାଯାଇଥିଲା । ହତ୍ୟାକାଣ୍ଡ ଘଟାଇବା ପାଇଁ A1 ରୁ A6 ଙ୍କୁ ଉସୁକାଇଥିବା ଅଭିଯୋଗରେ, A7 ଙ୍କ ବିରୁଦ୍ଧରେ ଆଇ.ପି.ସି. ର ଧାରା 109 ସହିତ ପାଠ କରାଯାଉଥିବା ଧାରା 302 ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ଦ୍ୱିତୀୟ ଅଭିଯୋଗଟି ଦଙ୍ଗା ସମ୍ବନ୍ଧୀୟ ଥିଲା, ଯେଉଁଥିରେ A1, A2, A4, A5 ଏବଂ A3, A6 ଙ୍କୁ ଯଥାକ୍ରମେ ଆଇ.ପି.ସି.ର ଧାରା 147 ଏବଂ 148 ଅନୁଯାୟୀ ବିଚାର କରାଯାଇଥିଲା ।ଆଇ.ପି.ସି.ର ଧାରା 149 ସହିତ ପାଠକରାଯାଉଥିବା ଧାରା 302 ଅନୁଯାୟୀ ତୃତୀୟ ଅଭିଯୋଗଟି A1 ରୁ A6 ଙ୍କ ବିରୁଦ୍ଧରେ ଥିଲା ଯେ ଅଭିଯୋଗ ଅନୁସାରେ, 28 ଜାନୁଆରୀ 1977 ସକାଳ ପ୍ରାୟ 8.30 ସମୟରେ A1, A2, A4 ଏବଂ A5 ବାଡ଼ି ଧରି, A3 କଟୁରୀ ଧରି ଏବଂ A6 ଏକ ବର୍ଚ୍ଛା ଧରି ଜବାହରଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ଶରୀରରେ ଅନେକ ଆଘାତ ଲାଗିଥିଲା,ଏହି ଆକ୍ରମଣ ଫଳରେ ସେହି ଦିନ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବିଦ୍ୱାନ ବିଚାର କରୁଥିବା ବିଚାରପତିଙ୍କ ଦ୍ୱାରା ସମସ୍ତ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା । ଆବେଦନରେ, ଉଚ୍ଚ ନ୍ୟାୟାଳୟ A4ରୁ A7 ଙ୍କ ଦୋଷ ମୁକ୍ତି ନିଷ୍ପତ୍ତିକୁ କାଏମ ରଖିଥିଲେ, କିନ୍ତୁ A1ରୁ A3 ଙ୍କ କ୍ଷେତ୍ରରେ, ପ୍ରଦାନ କରାଯାଇଥିବା ସିଦ୍ଧାନ୍ତକୁ ବଦଳେଇ ଦେଇଥିଲେ । ଅଭିଯୋଜନ ପ୍ରମାଣକୁ ବିଶ୍ୱାସ କରି, ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ A1 ରୁ A3 ଙ୍କ ଦ୍ୱାରା ହୋଇଥିବା ଅପରାଧ ପ୍ରମାଣିତ ହୋଇଛି । ଆଇ.ପି.ସି. ର ଧାରା 34 ସହିତ ପାଠକରାଯାଉଥିବା ଧାରା 304 ର ଭାଗ 1 ଅନୁଯାୟୀ, ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ପାଞ୍ଚ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । A1 ରୁ A3 ଙ୍କ ଦ୍ୱାରା ଏହି ଆବେଦନକୁ, ସ୍ୱତନ୍ତ୍ର ଅନୁମତି ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଆଗତ କରାଯାଇଛି । ଆବେଦନ ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିବା ସମୟରେ, ଏହି ନ୍ୟାୟାଳୟ ତାଙ୍କର 10 ଅଗଷ୍ଟ 1979 ତାରିଖର ଆଦେଶ ଦ୍ୱାରା ଆବେଦନକାରୀଙ୍କୁ ଜାମିନ ମଞ୍ଜୁର କରିଥିଲେ ।

ଆମେ ପକ୍ଷମାନଙ୍କ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ । ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସହମତ ଯେ, ଜବାହରଙ୍କ ମୃତ୍ୟୁ ଘଟାଇଥିବା ସେହି ଘଟଣାରେ ଆବେଦନକାରୀଙ୍କ ସମ୍ପୃକ୍ତି ସନ୍ଦେହ ଉର୍ଦ୍ଧ୍ୱରେ ପ୍ରମାଣିତ ହୋଇଛି । ତଥାପି, ଆମର ମତ ହେଉଛି ଯେ ମୃତ ବ୍ୟକ୍ତିଙ୍କ ଉପରେ ଆଘାତର ପ୍ରକୃତି ଏବଂ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ଆଇ.ପି.ସି. ର ଧାରା 34 ସହିତ ପାଠ କରାଯାଉଥିବା ଧାରା 325 ପରିସରଭୁକ୍ତ ଅଟେ ।

ଜବାହରଙ୍କ ମୃତ ଦେହରେ ତେରଟି ବାହ୍ୟ ଆଘାତ ଦେଖିବାକୁ ମିଳିଥିଲା । ସେଗୁଡିକ ମଧ୍ୟରୁ, 11ଟି ଆଘାତ, ତଳ ଗୋଡ଼ ଏବଂ ବାହୁରେ ଥିଲା । ଉଚ୍ଚ ନ୍ୟାୟାଳୟ ଅପରାଧର ପ୍ରକୃତିକୁ ବିଚାର କରିବା ସମୟରେ ନିମ୍ନଲିଖିତ ଭାବେ ମତବ୍ୟକ୍ତ କରିଛନ୍ତି:-

> "ଏହି ଅଭିଯୁକ୍ତ ଏବଂ ସେମାନଙ୍କ ସହଯୋଗୀମାନେ, ଯେଉଁମାନେ ଜବାହରଙ୍କ ଉପରେ ଆକ୍ରମଣ କରିଥିଲେ, ସେମାନଙ୍କର ତାଙ୍କୁ ଜୀବନରୁ ମାରିଦେବାର କୌଣସି ଉଦ୍ଦେଶ୍ୟ ନଥିଲା, ଯଦି ସେମାନଙ୍କର ସେପରି ଉଦ୍ଦେଶ୍ୟ ଥାଆନ୍ତା, ତେବେ ସେମାନେ ନିଶ୍ଚିତ ଭାବରେ ତାଙ୍କୁ ମାରି ପାରିଥାନ୍ତେ, ବିଶେଷ କରି ତାଙ୍କୁ ତୋଲାମ କ୍ଷେତକୁ ଟେକି ନେବା ପରେ ସେଠାରେ ତାଙ୍କୁ ମୃତ ଅବସ୍ଥାରେ ଛାଡ଼ି ଆସିଥାନ୍ତେ, କିନ୍ତୁ ସେମାନେ ତାଙ୍କୁ କେବଳ ସାଧାରଣ ଏବଂ ଗୁରୁତର ଆଘାତ ଦେଇ ଛାଡ଼ି ଦେଇଥିଲେ । ଅଭିଯୁକ୍ତ ବ୍ୟକ୍ତିମାନେ ସାଧାରଣ ପରିସ୍ଥିତିରେ ମୃତ୍ୟୁ ଘଟାଇବା ପାଇଁ ପର୍ଯ୍ୟାପ୍ତ ହେଉଥିବା ଭଳି ଆଘାତ ଦେବାକୁ ଉଦ୍ଦେଶ୍ୟ ରଖିଥିଲେ କି ନାହିଁ, ସେହି ଦିଗକୁ ବିଚାରକୁ ନେଲେ ମଧ୍ୟ ଆମେ ଅଭିଯୋଜନ ସପକ୍ଷରେ କୌଣସି ନିଷ୍ପତ୍ତି ଦେବାକୁ ସମର୍ଥ ନୋହୁଁ । ଜବାହରଙ୍କ ବୟାନ (ପ୍ରଦର୍ଶ P-6) ଅନୁଯାୟୀ ମଧ୍ୟ, ପ୍ରଥମ ଅଭିଯୁକ୍ତ କେବଳ ଏତିକି କହିଥିଲେ ଯେ, ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ହେଉଛି କିଛି ସପ୍ତାହ ପୂର୍ବରୁ ଜବାହର ପ୍ରଥମ ଅଭିଯୁକ୍ତଙ୍କୁ ଦେଇଥିବା ଆଘାତର ପ୍ରତିଶୋଧ ଅଟେ ।"

ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ପର୍ଯ୍ୟବେକ୍ଷଣ ସହିତ ସହମତ ହୋଇ ଆମେ ଏହି ମତ ପୋଷଣ କରୁଛୁ ଯେ, ଆବେଦନକାରୀମାନଙ୍କର ଉଦ୍ଦେଶ୍ୟ ଗୁରୁତର ଆଘାତ ପହଞ୍ଚାଇବା ଥିଲା ଏବଂ ସେଥିପାଇଁ ସେମାନଙ୍କ ଦ୍ୱାରା କରାଯାଇଥିବା ଅପରାଧ ଆଇ.ପି.ସି. ର ଧାରା 325 ର ପରିସରଭୁକ୍ତ ଅଟେ । ତେଣୁ, ଆମେ ଆଇ.ପି.ସି. ର ଧାରା 34 ସହିତ ପାଠ କରାଯାଉଥିବା ଧାରା 304 ଭାଗ-1 ଅନୁଯାୟୀ ଆବେଦନକାରୀମାନଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବାତିଲ କରୁଛୁ ଏବଂ ଏହା ପରିବର୍ତ୍ତେ ସେମାନଙ୍କୁ ଆଇ.ପି.ସି.ର ଧାରା 34 ସହିତ ପାଠ କରାଯାଉଥିବା ଧାରା 325 ଅଧୀନରେ ଦୋଷୀ ସାବ୍ୟସ୍ତ କରୁଛୁ । ଆମେ ଆବେଦନକାରୀମାନଙ୍କୁ, ସେମାନେ ପୂର୍ବରୁ ଭୋଗି ସାରିଥିବା କାରାଦଣ୍ଡର ଦଣ୍ଡ ପ୍ରଦାନ କରୁଛୁ । ଆମେ ପ୍ରତ୍ୟେକ ଆବେଦନକାରୀଙ୍କ ଉପରେ 7,000/- ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଲାଗୁ କରୁଛୁ । ଆବେଦନକାରୀମାନେ ପ୍ରତ୍ୟେକ, ଆଜିଠାରୁ ଚାରି ମାସ ମଧ୍ୟରେ ବିଚାରକରୁଥିବା ଅଦାଲତରେ 7,000/-ଟଙ୍କା ଲେଖାଏ ଜମା କରିବେ । ଜରିମାନା ପଇଠ ନକଲେ ଆବେଦନକାରୀଙ୍କୁ ପାଞ୍ଚ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ଆବେଦନକାରୀଙ୍କ ଠାରୁ ଜରିମାନା ଆକାରରେ ଆଦାୟ ହୋଇଥିବା 21,000/- ଟଙ୍କା ମୃତ ଜବାହରଙ୍କ ପିତା/ମାତାଙ୍କୁ ପ୍ରଦାନ କରାଯିବ । ଯଦି ସେମାନଙ୍କ ମଧ୍ୟରୁ କେହି ନଥାନ୍ତି, ତେବେ ଏହି ରାଶି ମୃତ ଜବାହରଙ୍କ ଭଉଣୀ ଇନ୍ଦ୍ରଙ୍କୁ ପ୍ରଦାନ କରାଯିବ । ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଆବେଦନର ଫଏସଲା କରାଗଲା ।

ଭି. ପି. ଆର.                                                                    ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।